## ଜମା ଟଙ୍କା ଫେରସ୍ତ ନ ପାଇବାରୁ ତାତିଲେ ଆଦିବାସୀ

# କିଓସ୍କ ପରିଚାଳକକୁ ଖୁଣ୍ଟରେ ବାନ୍ଧି ପିଟିଲେ

କାଳିପଦା, ୨୨।୧ (ସମିସ)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଯୁବକ ଭାରତୀୟ ଷ୍ଟେଟ ବ୍ୟାଙ୍କ କିଓସ୍କ ଶାଖା ଖୋଲି ସ୍ଥାନୀୟ ଆଦିବାସୀ ମାନଙ୍କୁ ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଇବାର ଆଳରେ କୋଟି କୋଟି ଟଙ୍କା ଠକେଇ କରିଥିବା ନେଇ ବାରମ୍ବାର ବାଲିଆପାଳ ଥାନାରେ ଅଭିଯୋଗ କରି ଆସୁଥିଲେ। ମୂଳ ଟଙ୍କା ଫେରି ନ ପାଇବାରୁ ଗୁରୁବାର ମଧ୍ୟାହ୍ନରେ ଜମାକାରୀମାନେ କିଓସ୍କର ପରିଚାଳକ ରଞ୍ଜନ ରଣାଙ୍କୁ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିର୍ଘୁମ ପିଟିଛନ୍ତି। ଘଟଣାସ୍ଥଳରେ ବାଲିଆପାଳ ପୁଲିସ ପହଞ୍ଚି ଷ୍ଟେଟ ବ୍ୟାଙ୍କ କିଓସ୍କର ପରିଚାଳକ ରଞ୍ଜନକୁ ଉଦ୍ଧାର କରି ଥାନାରେ ଅଟକ ରଖି ଟଙ୍କା ହଡ଼ପର ଶିକାର ହୋଇଥିବା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁବାକୁ ଚେଷ୍ଟା କରୁଥିଲେ। ମାତ୍ର ଉକ୍ତ ଆଦିବାସୀମାନେ ପୁଲିସ ଗାଡ଼ିକୁ ଅଟକ ରଖିବା ସହିତ ବାଲିଆପାଳ ଲଙ୍ଗଳେଶ୍ୱର ମୁଖ୍ୟ ରାସ୍ତା ଦେଉଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅବରୋଧ କରି ଥାନାକୁ ନେଇଥିବା ରଞ୍ଜନକୁ ଘଟଣା ସ୍ଥଳକୁ ଆଣିବାକୁ ଅଡି ବସିଥିଲେ। ଘଟଣା ସ୍ଥଳରେ ବାଲିଆପାଳ ଆଇଆଇସି ସଲଖାନ ମୁର୍ମୁ, ସିଂଲା ଆଇଆଇସି ସୁଚନ୍ଦ୍ର ମାହାଳିକଙ୍କ ସହିତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ରହିଛନ୍ତି।



ସୂଚନାରୁ ପ୍ରକାଶ ଦେଉଳା ପଞ୍ଚାୟତ ଅଫିସ୍ ସମ୍ମୁଖରେ ରହିଛି ଏକ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କିଓସ୍କ ଶାଖା। ଦେଉଳା ଗ୍ରାମର ରଞ୍ଜନ ରଣା ଦୀର୍ଘ ଦିନ ଧରି ଏହି ଶାଖା ଖୋଲି ଲୋକଙ୍କ ଅର୍ଥ ନେଣ ଦେଣ କାର୍ଯ୍ୟ କରି ଆସୁଥିଲେ। ରେଳ ରାସ୍ତା ପାଇଁ ଜମି ହରାଇ ଥିବା ପରିବାର ଫୁଲମଣି ସୋରେନ, ମାଳତୀ ମାରାଣ୍ଡି, ଗଣେଶ ଟୁଡୁ, ପ୍ରଶାନ୍ତ କିସ୍କୁ, ରାଣୀ ମାଝୀ, ଯୋଗେନ୍ଦ୍ର ହେମ୍ବ୍ରମ ଓ ରାମ ଟୁଡୁ ସମେତ ଶତାଧିକ ଗ୍ରାମବାସୀଙ୍କ ଖାତାକୁ ସରକାର ଲକ୍ଷ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦରେ ଟଙ୍କା ଜମା କରିଥିଲେ। ଏହି ଟଙ୍କା ଦ୍ୱାରା ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଆଦିବାସୀ ଲୋକ ଅନ୍ତର୍ଭୁକ୍ତ ହୋଇ ମାସକୁ ଲକ୍ଷେ ଟଙ୍କାରେ ଦୁଇହଜାର ଟଙ୍କାର ପେନସନ ପାଇ ପାରିବେ ବୋଲି ରଞ୍ଜନ ସେମାନଙ୍କୁ ବୁଝେଇ ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ଏନଏଫଟି ମାଧ୍ୟମରେ ଟ୍ରାନ୍ସଫର କରାଇ ନେଇଥିଲେ। ପରେ ସେମାନଙ୍କୁ ୫/୬ ମାସ ଲକ୍ଷେ ଟଙ୍କାରେ ଦୁଇହଜାର ହିସାବରେ ରଞ୍ଜନ ପେନସନ ଦେଇଛନ୍ତି ବୋଲି ଅଭିଯୋଗକାରୀମାନେ କହିଛନ୍ତି। ପରେ ଶାଖା ତରଫରୁ ସେମାନଙ୍କୁ ଠିକ ବ୍ୟବହାର ନ କରିବା, ଠିକ ସମୟରେ ପେନସନ ନ ମିଳିବାରୁ ଲକ୍ଷାଧିକ ଟଙ୍କା ମୂଳଧନ ଫେରି ନ ପାଇବା ଭୟରେ ପ୍ରଥମେ ଆଦିବାସୀ ମହିଳା ଓ ପୁରୁଷ ରଞ୍ଜନଙ୍କ କିଓସ୍କ ବ୍ୟାଙ୍କ ଶାଖାରେ ତାଲା ପକାଇ ଥିଲେ। ସେଥିରେ ସୁଫଳ ନମିଳିବାରୁ ସେମାନେ ବାଲିଆପାଳ ଥାନାରେ ରଞ୍ଜନ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ସେତେବେଳର ଆଇଆଇସି ଗୋବିନ୍ଦ ବେହେରା ଘଟଣାକୁ ୧୦ ଦିନ ମଧ୍ୟରେ ସମାଧାନ କରିବେ ବୋଲି କହି ଥିଲେ। ମାତ୍ର ଘଟଣାକୁ ତିନି ମାସ ବିତିଥିଲେ ମଧ୍ୟ ଏହାର କୌଣସି ସୁଫଳ ନ ମିଳିବାରୁ ଆଜି ଉତ୍ତ୍ୟକ୍ତ ଲୋକେ ରଞ୍ଜନକୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ପକାଇ ଥିଲେ। ଖବର ଲେଖା ହେବା ଯାଏଁ ମଧ୍ୟ ରାସ୍ତା ଅବରୋଧ ଜାରି ରହିଥିଲା।

## ଏମ୍.ଏନ ବ୍ରହ୍ମସ୍ମି ଆବାସିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ସୋର, ୨୨।୧(ସମିସ): ସୋର ପୌରପାଳିକା ଅନ୍ତର୍ଗତ କଲେଜଛକ ସ୍ଥିତ ଏମଏନ ବ୍ରହ୍ମସ୍ମି ଆବାସିକ ଶିକ୍ଷାନୁଷ୍ଠାନର ସପ୍ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ପ୍ରଫେସର ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋପପ୍ରାଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସିଂ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ମହିଳା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ନିଶିକାନ୍ତ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ବଳରାମ ବେହେରା, ଯୋଗେଶ୍ୱର ବେହେରା ଏବଂ ଶ୍ରେଷ୍ଠ ଛାତ୍ରୀ ଭାବେ ସୁବାସିନୀ ପରିଡ଼ାଙ୍କ ସମେତ ପ୍ରତିଷ୍ଠାତା ମାନସ ରଞ୍ଜନ ବେହେରା ଓ ନିରଜ କୁମାର ସାହାଣୀଙ୍କ ମାତାପିତା ମାଧବାନନ୍ଦ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଗିରିଶ ଚନ୍ଦ୍ର ସାହାଣୀ, ପ୍ରୀତିଲତା ସାହାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତସହିତ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ରାଉଳ, କାଳୀ ଚରଣ ମଲ୍ଲିକ, ପ୍ରହ୍ଲାଦ ବାରିକ ଏବଂ ପ୍ରୀତିକାନ୍ତ ଦାସ ଏବଂ ଅଧ୍ୟାପନା କାର୍ଯ୍ୟ ପାଇଁ ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କମଳ ଲୋଚନ ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରତିଷ୍ଠାତା ମାନସ ରଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଆ ଅଧ୍ୟାପକ ଗଣେଷ ଚନ୍ଦ୍ର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ସୋର, ୨୨।୧(ସମିସ): ସୋର ବ୍ଲକ ମୁକ୍ତେଶ୍ୱରପୁର ଗ୍ରାମରେ ବାପା ଘରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ରୁନି ପାତ୍ର (୨୯) ହଂସୀପାଟଣା ଗ୍ରାମର ପ୍ରଶାନ୍ତ କୁମାର ଦାସଙ୍କୁ ବିବାହ କରିଥିଲେ। କିନ୍ତୁ ରୁନି କିଛି ଦିନ ହେବ ତାଙ୍କ ବାପା ଘର ମୁକ୍ତେଶ୍ୱରପୁର ଆସିଥିଲେ। ଗତକାଲି ରାତିରେ ସେ ପିଲାମାନଙ୍କ ସହ ଖାଇପିଇ ଶୋଇଥିବା ବେଳେ ବିଳମ୍ବିତ ରାତିରେ ହଠାତ ଚିତ୍କାର କରିଥିଲେ। ଏହା ଶୁଣି ରୁନିଙ୍କ ମାଆ ତାଙ୍କ ନିକଟରେ ପହଞ୍ଚି ସେ ସଜ୍ଞାହୀନ ହୋଇ ପଡ଼ିଥିବା ଜାଣି ପାରି ପଡୋଶୀଙ୍କ ସହାୟତାରେ ତାଙ୍କୁ ସୋର ଡାକ୍ତରଖାନକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଆଜି ପୂର୍ବାହ୍ନରେ ଡାକ୍ତରଖାନରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏହି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ଗ୍ୟାସ ଟାଙ୍କିରୁ ଅଗ୍ନିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

ସିମୁଳିଆ, ୨୨।୧ (ସମିସ): ସିମୁଳିଆ ବ୍ଲକର ଏମସ ଘରୋଇ କଲେଜର ଗ୍ୟାସ ସିଲିଣ୍ଡରର ଅଗ୍ନିକାଣ୍ଡ ଘଟି ରୋଷେୟା ଆହତ ହୋଇଥିବା ବେଳେ ଅଳ୍ପକେ ଛାତ୍ରଛାତ୍ରୀ ମାନେ ବର୍ତ୍ତିଯାଇଛନ୍ତି। ଅଡା ଦମକଳ କେନ୍ଦ୍ରର ମୁଖ୍ୟ ଆଗ୍ନିକ ରତିକାନ୍ତ ଦାସ ଅଧିକାରୀଙ୍କ ସୂଚନା ମୁତାବକ ଏମ୍ସ ଘରୋଇ କଲେଜର ରତ୍ନାକର ବାରିକ (୪୫) ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡରରେ ହଠାତ ନିଆଁ ଲାଗି ଯାଇଥିବାର କଲେଜ ପକ୍ଷରୁ ଦମକଳ କେନ୍ଦ୍ରକୁ ସୂଚନା ଦିଆ ଯାଇଥିଲା। ସୂଚନା ପାଇ ଦମକଳ ମୁଖ୍ୟ ଆଗ୍ନିକଙ୍କ ନେତୃତ୍ୱରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ଗ୍ୟାସ ସିଲିଣ୍ଡରକୁ ବାହାର କରିଥିଲେ। ରୋଷେୟା ରତ୍ନାକର ବାରିକ ଆହତ ହୋଇଥିବାର ପ୍ରକାଶ କରିଥିଲେ। ଗ୍ୟାସ ସିଲିଣ୍ଡର ତୁରନ୍ତ କାବୁ କରାଯାଇଥିବାରୁ ସେଠାରେ ଅଧ୍ୟୟନରତ ଶତାଧିକ ଛାତ୍ରଛାତ୍ରୀ ଦୁର୍ଘଟଣାରୁ ରକ୍ଷା ପାଇ ଯାଇଥିଲେ। ସିମୁଳିଆରେ ଥିବା ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନର ଅଗ୍ନି ନିର୍ବାପକ କାର୍ଯ୍ୟ କରୁଛି କି ନାହିଁ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଜନସାଧାରଣରେ ଦାବି ହେଉଛି।

## ବିପୁଳ ମଦ ଜବତ, ଜଣେ ଗିରଫ

ସିମୁଳିଆ, ୨୨।୧ (ସମିସ): ବିପୁଳ ପରିମାଣର ଦେଶୀ ମଦ ସହ ଗାଡି ଚାଳକକୁ ଅଟକ ରଖି ତଦନ୍ତ ଜାରୀ ରଖିଛି ସିମୁଳିଆ ପୁଲିସ। ଆଜି ସିମୁଳିଆ ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ସମୟରେ ମାର୍କୋଣା ପଶୁ ଡାକ୍ତରଖାନା ପାର୍ଶ୍ୱରେ ଚଢ଼ଉ କରି ଏକ ଟାଟା ମ୍ୟାଜିକ ଜବତ କରିଥିଲେ। ସେଥିରେ ୬୦୦ଲିଟରରୁ ଅଧିକ ଦେଶୀ ମଦ ଜବତ କରାଯିବା ସହ ଗାଡି ଚାଳକ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳର ହେମନ୍ତ ନାୟକଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଛି। ଚଢ଼ଉ ସମୟରେ ଏଏସଆଇ ଅଶୋକ ବେହେରା, ବିଶ୍ୱଜିତ ସେଠି, ମହେନ୍ଦ୍ର ନାୟକଙ୍କ ସମେତ ପୁଲିସ କର୍ମଚାରୀ ସାମିଲ ଥିଲେ।

# ଇଟା ଭାଟିରେ ୧୬୩ ଧାରା ଲାଗୁ

ସୋର, ୨୨।୧(ସମିସ): ବାଲେଶ୍ୱର ଜିଲ୍ଲା ଦେଶର ଏକ ପ୍ରଦୂଷଣ ପ୍ରମୁଖ ସହର ମାନଙ୍କ ମଧ୍ୟରେ ଅନ୍ୟତମ ହୋଇଥିବା ବେଳେ ଇଟାଭାଟି ଗୁଡିକରୁ ଅନବରତ ବାହାରୁଥିବା ଧୂଆଁ ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଫଳରେ ଜିଲା ପ୍ରଶାସନର ନିର୍ଦ୍ଦେଶରେ ସୋର ତହସିଲ ପକ୍ଷରୁ ଚଢ଼ଉ କରାଯାଇ ଗତ କିଛିଦିନ ତଳେ ୩ଟି ଚଦର ଇଟାଭାଟିକୁ ଭଙ୍ଗାଯାଇଥିବା ବେଳେ ଆଜି ତିନୋଟି ଚିମିନି ଇଟାଭାଟିରେ ୧୬୩ ଧାରା ଲାଗୁକରାଯାଇଛି। ଡାକବାଜି ଯନ୍ତ୍ରରେ ଏଠାରେ କାମ ନକରିବାକୁ ତାଗିଦ କରାଯିବା ସହିତ ନିର୍ମିତ ହୋଇଥିବା ଇଟାକୁ ସିଲ କରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ସୋର ତହସିଲଦାର ଦୈତାରି ମଲ୍ଲିକ, ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ସଞ୍ଜିବ କୁମାର ପାତ୍ରଙ୍କ ସମେତ କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ଓ ସୋର ପୁଲିସ ଉପସ୍ଥିତ ଥିଲେ।



## ଭାଲୁ ଆକ୍ରମଣରେ ୩ ଆହତ

ନୀଳଗିରି, ୨୨।୧(ସମିସ): ଭାଲୁ ଆକ୍ରମଣରେ ୩ ଆହତ ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ନୀଳଗିରି ଏନ୍.ଏ.ସି. ଅନ୍ତର୍ଗତ ୮ ନମ୍ବର ୱାର୍ଡ଼ ଚିମିନି ଭାଟି (ସାନଅତା) ଗ୍ରାମର ଭାଗୀରଥି ବୈଠାଙ୍କ ସ୍ତ୍ରୀ ପୁଷ୍ପ ବୈଠା (୪୫) ଗୁରୁବାର ସକାଳେ ପ୍ରାୟ ୫.୩୦ ସମୟରେ ବନ ବିଭାଗ ଅଫିସ ନିକଟରେ ଫୁଲ ତୋଳିବାକୁ ଯାଉଥିବା ବେଳେ ରାସ୍ତାରେ ଆସୁଥିବା ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁଟି ପୁଷ୍ପାଙ୍କ ଡାହାଣ ହାତର ବାହୁ ଓ ଡାହାଣ ପିଚାରେ କାମୁଡି ଥିଲା। ସେହିପରି ଉକ୍ତ ଗ୍ରାମର ଶମ୍ଭୁ ସାହୁଙ୍କ ପୁତ୍ର ନିତ୍ୟାନନ୍ଦ ସାହୁ(୭୦) ନିକଟସ୍ଥ ଟିୱେଲରୁ ହାତ ଗୋଡ଼ ଧୋଇ ଘରକୁ ରାସ୍ତାରେ ଯାଉଥିବା ବେଳେ ଭାଲୁଟି ତାଙ୍କର ଜଙ୍ଘରେ କାମୁଡ଼ି ଦେଇଛି। ଅନୁରୂପ ଭାବେ ଉକ୍ତ ଗ୍ରାମର ଯୋଗେନ୍ଦ୍ର କୁଅଁରଙ୍କ ସ୍ତ୍ରୀ କନକ କୁଅଁର (୮୦) ସକାଳେ ପ୍ରାୟ ୬ଟା ସମୟରେ ଫୁଲ ତୋଳିବା ପାଇଁ ରାସ୍ତାରେ ଯାଉଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ି ତାଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଖବର ପାଇ ନୀଳଗିରି ବନବିଭାଗ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

## ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ

ଜଳେଶ୍ୱର, ୨୨।୧ (ସମିସ): ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପଲକ୍ଷେ ସାମୁହିକ ଗାନ କାର୍ଯ୍ୟକ୍ରମ ଜଳେଶ୍ୱର ଲିଲା ଶୋଭା କଲ୍ୟାଣ ମଣ୍ଡପ ପରିସରରେ ଜଳେଶ୍ୱର ପଞ୍ଚାୟତ ସମିତି ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଜଳେଶ୍ୱର ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସବ୍ୟସାଚୀ ଦାସ ସଂଯୋଜନା କରିଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ଜଳେଶ୍ୱର ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୧୯୫୦ ମସିହାରେ ଏହି ଗୀତକୁ କେନ୍ଦ୍ର ସରକାର ରାଷ୍ଟ୍ରଗୀତ ଭାବେ ମାନ୍ୟତା ଦେଇଥିଲେ। ଏବେ ଦେଶର ଏକତାକୁ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଏହି ରାଷ୍ଟ୍ର ଗୀତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପ୍ରତି ଶିକ୍ଷାନୁଷ୍ଠାନରୁ ୩ଜଣ ଲେଖା କୃତୀ ଛାତ୍ରଛାତ୍ରୀଙ୍କୁ ବଛାଯାଇଥିଲା। ଏହି ଉତ୍ସବରେ ଉକ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ମୋମେଣ୍ଟ ପ୍ରଦାନ କରାଯାଇଥିଲା।



## ପିକ୍‌ଅପ ଭ୍ୟାନ୍-ଅଟୋ ଧକ୍କା; ୪ ଗୁରୁତର



ଜଳେଶ୍ୱର, ୨୨।୧ (ସମିସ): ପିକ୍‌ଅପ୍ ଭ୍ୟାନ ସହିତ ଯାତ୍ରୀବାହୀ ଅଟୋର ମୁହାଁମୁହିଁ ଧକ୍କା ହୋଇ ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବାଲେଶ୍ୱର ସଦର ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାନୁଯାୟୀ ଆଜି ଭୋର ୫.୩୦ରେ ପଶ୍ଚିମବଙ୍ଗ ରାଜ୍ୟର ଦାନ୍ତନ ଥାନା ବରିଙ୍ଗ ଅଞ୍ଚଳର ସାତସଣ୍ଡା ଗ୍ରାମରୁ ଏକ ଯାତ୍ରୀବାହୀ ଅଟୋ ୪ଜଣ ଯାତ୍ରୀଙ୍କୁ ନେଇ ଜଳେଶ୍ୱର ଷ୍ଟେସନ ଅଭିମୂଖେ ଆସୁଥିବା ବେଳେ ଜଳେଶ୍ୱର ଟାଉନ ହାଇସ୍କୁଲ ସମ୍ମୁଖରେ ଏକ ପିକ୍‌ଅପ୍ ଭ୍ୟାନ ସମ୍ମୁଖରୁ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଯାତ୍ରୀମାନଙ୍କ ମଧ୍ୟରୁ ୩ଜଣ ଓ ଡ୍ରାଇଭର ଗୁରୁତର ହୋଇପଡ଼ିଥିବା ବେଳେ ପିକଅପ ଭ୍ୟାନଟି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ମାନଙ୍କୁ ଉଦ୍ଧାର କରି ଜଳେଶ୍ୱର ଜି. କେ. ଭଟ୍ଟର ହସପିଟାଲକୁ ନେଇଥିଲେ। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ସଦର ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ମାନଙ୍କ ମଧ୍ୟରେ ଡ୍ରାଇଭର ମାଧବ ଜେନା(୩୮), ଯାତ୍ରୀ ଆରତୀ ପ୍ରମାଣିକ(୩୫), କମଳ ପ୍ରମାଣିକ(୪୦), ଚମ୍ପା ପ୍ରମାଣିକ(୩୦) ବୋଲି ଜଣାଯାଇଛି। ସ୍ଥାନୀୟ ଲୋକମାନେ ରାସ୍ତାରେ ବେପାରୁଆ ବାଲି ବୋଝେଇ ଗାଡି ଚଳାଚଳ ଯୋଗୁଁ ଏମିତି ଦୁର୍ଘଟଣା ଘଟୁଛି ବୋଲି ରାସ୍ତାରୋକ କରିଥିଲେ। ଫଳରେ ରାସ୍ତାର ଦୁଇପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିବାର ଦେଖିବାକୁ ମିଳିଥିଲା।

## ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



କାଳିପଦା/ଲଙ୍ଗଳେଶ୍ୱର, ୨୨।୧ (ସମିସ): ଜଣେ ବ୍ୟକ୍ତି ତାର ପରିଶ୍ରମ ଓ ସଂଘର୍ଷର ଯୁଗଳ ବନ୍ଦୀରେ ସଫଳତାକୁ ପ୍ରାପ୍ତ କରିଥାଏ। ଜର୍ଜ ୱାସିଂଟନ ତାହାର ଏକ ଦୃଷ୍ଟାନ୍ତ। ଆଜି ବାଲିଆପାଳ ବ୍ଲକ ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ସମର୍ପଣ ଦିବସ ପାଳନ ଅବସରରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି, ପ୍ରାକ୍ତନ ଜାମଶୂଳୀ କଲେଜ ଅଧ୍ୟକ୍ଷ ଡ଼ ବିଜୟ କୁମାର ଦେ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ଇତିହାସ ଲେଖକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ପ୍ରାକ୍ତନ ସରପଞ୍ଚ ନିତ୍ୟାନନ୍ଦ ପାଣିଗ୍ରାହୀ, ସଂକୁଳ ପ୍ରମୁଖ ରବିନ୍ଦ୍ର କୁମାର ପଣ୍ଡା, ସମାଜସେବୀ ରବିନ୍ଦ୍ର କୁମାର ବିଶ୍ୱାଳ, ପ୍ରାକ୍ତନ ବି ଇ ଓ ଜୟନ୍ତୀ କୁମାର ପାଣିଗ୍ରାହୀ, ବନ ବିହାରୀ ଦାସ ଅଧିକାରୀ, ବିଜୟ କୁମାର ତ୍ରିପାଠୀ, ଯୋଗେନ୍ଦ୍ର ନାଥ ସାମଲ, ରବୀନ୍ଦ୍ର ନାଥ ସାମଲ ପ୍ରମୁଖ ଉଦବୋଧନ ପ୍ରଦାନ କରିଥିଲେ। ସୁଶ୍ରୀ ଶତାବ୍ଦୀ ପଣ୍ଡା ଏକକ ସଙ୍ଗୀତ ଓ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗୁରୁଜୀ ମନ୍ମଥ ପାଣିଗ୍ରାହୀ, ଗୁରୁମା ମଧୁମିତା ଗିରି, ଅର୍ଚ୍ଚନା ପାଣିଗ୍ରାହୀ, ରାକ୍ଷୀ ଦାସ, ପିଙ୍କି ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମମୁଖ୍ୟ ଗିରିଜା ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ।

## ଜଳେଶ୍ୱରର ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ଭେଟିଲେ ବ୍ରଜମୋହନ

ଜଳେଶ୍ୱର, ୨୨।୧ (ସମିସ): ଓଡ଼ିଶା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଭୋଗରାଇ ବ୍ଲକ ଗସ୍ତ ଅବସରରେ ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଜଳେଶ୍ୱର ବିଭିନ୍ନ ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ଭେଟିଛନ୍ତି। ମନ୍ତ୍ରୀ ତାଙ୍କର ଗସ୍ତ ସମୟରେ ସ୍ଥାନୀୟ ତାଳସାରୀ ପାନ୍ଥ ନିବାସରେ ଅବସ୍ଥାନ ସମୟରେ ଶ୍ରୀ ପ୍ରଧାନ ତାଙ୍କୁ ଭେଟିବା ସହିତ ଜଳେଶ୍ୱରର ବିଭିନ୍ନ ସମସ୍ୟା ସହିତ ପାନୀୟ ଜଳ ସମସ୍ୟା, ରାସ୍ତାଘାଟ ସମସ୍ୟା ଓ ବିକଶିତ ଗାଁ ବିକଶିତ ଓଡ଼ିଶା ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକ୍ରମ ଦ୍ୱାରା ଜଳେଶ୍ୱର କିପରି ଉପକୃତ ହୋଇପାରିବ ସେଥିନେଇ ଆଲୋଚନା କରିଥିବା ଜଣାଯାଇଛି। ମନ୍ତ୍ରୀ ସମସ୍ୟା ବିଷୟରେ ଅବଗତ ହେବା ସହିତ ବିଭିନ୍ନ ପ୍ରକଳ୍ପ ବିଷୟରେ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।



## ଦୁର୍ଗାଦେବୀ ମକରମେଳା ଉଦ୍‌ଯାପିତ

ରେମୁଣା, ୨୨।୧(ସମିସ): ବାଲେଶ୍ୱର-ମୟୂରଭଞ୍ଜ ସୀମାନ୍ତ ଦୁର୍ଗାଦେବୀଠାରେ ଚଳିତ ବର୍ଷର ଦୁର୍ଗାଦେବୀ ମକର ମେଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ସନ୍ଧ୍ୟାରେ ଉମେଶ ଚନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ସମ୍ମାନିତ ଅତିଥିଭାବେ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ରଘୁନାଥ ମଣ୍ଡଳ, ପ୍ରମୋଦ ନାରାୟଣ ତ୍ରିପାଠୀ, ଦିଲ୍ଲୀପ କୁମାର ଦେ, କମିଟି ସମ୍ପାଦକ ଧରଣୀଧର ଦ୍ୱିବେଦୀ, କମିଟି ସଭାପତି ସୁରେନ୍ଦ୍ର ଦାସ, କମିଟି ଉପସଭାପତି ଚିତ୍ତରଞ୍ଜନ ଚଣ୍ଡ ପ୍ରମୁଖ ଯୋଗଦେଇ ଥଲେ। ସଭା ପ୍ରାରମ୍ଭରେ ନରୋତ୍ତମ ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ଜେନା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଘୋଡା ନାଚ ଓ ଛଉ ନୃତ୍ୟ ପରିବେଷଣ ହୋଇଥିବା ବେଳେ ଦୁର୍ଗାଦେବୀ ହାଟ କମିଟି ପୂର୍ବତନ ସମ୍ପାଦକ ମନୋରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳସାରୀ, ଉଦୟପୁର ବେଳାଭୂମିର ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ଚନ୍ଦନେଶ୍ୱର, ୨୨।୧ (ସମିସ)

କେନ୍ଦ୍ର ସରକାରଙ୍କ ଜଳ ମିଶନ ଯୋଜନା ଅନ୍ତର୍ଗତ ଜଳ ଅର୍ପଣ ଦିବସ ଅବସରରେ ଆଜି ରାଜ୍ୟ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ତାଳସାରୀ ଓ ଉଦୟପୁର ବେଳାଭୂମିର ସ୍ଥିତି ଅନୁଧ୍ୟାନ କରିବା ସହିତ ପାଦରେ ଚାଲିଚାଲି ପଶ୍ଚିମବଙ୍ଗର ନିଉ ଦୀଘା, ଢେଉସାଗର ପ୍ରଭୃତି ଅଞ୍ଚଳ ବୁଲି ଦେଖିଥିଲେ। ଏ ନେଇ ତାଳସାରୀ ଠାରେ ସାମ୍ବାଦିକ ମାନଙ୍କର ପ୍ରଶ୍ନରେ ସେ କହିଥିଲେ ଓଡ଼ିଶା ରାଜ୍ୟ ପ୍ରକୃତି ଗର୍ଭା। ସେଥିମଧ୍ୟରୁ ତାଳସାରୀ ଓ ଉଦୟପୁର ଅତ୍ୟନ୍ତ ମନୋରମ। ବେଳାଭୂମିରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ବିରାଟ ସମ୍ଭାବନା ରହିଛି। ଏଠାକାର ପର୍ଯ୍ୟଟନ ଓ ବେଳାଭୂମି ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରା ସହିତ ନାଲି କଙ୍କଡା, ଝାଉଁଗଛର ସାଇଁସାଇଁ ଶବ୍ଦ, ବିସ୍ତୀର୍ଣ୍ଣ ବେଳାଭୂମିରେ ଥିବା ବାଲିସ୍ତୁପ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି। ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ହେଲେ ଏଠାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅନେକ ଯୁବକ ଯୁବତୀ ତଥା ଅଞ୍ଚଳବାସୀ ଆତ୍ମନିର୍ଭରଶୀଳ ହୋଇ ପାରିବେ। ଏହି ବେଳାଭୂମିର ବିକାଶ ତୁରନ୍ତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ତାଙ୍କ ସହିତ ଭୋଗରାଇ ବିଜେପି ନେତା ଆଶିଷ କୁମାର ପାତ୍ର, ସମିତି ସଭ୍ୟ ରାଧାକାନ୍ତ ପ୍ରଧାନ, ତରଣିକାନ୍ତ ସେନାପତି, ସୁବାସ କୁମାର ଚାନ୍ଦ, ତପନ କୁମାର ପାତ୍ର, ବ୍ରଜମୋହନ ପ୍ରଧାନ, ବ୍ରଜ ଗୋପାଲ ସାମଲ, ଦିଲ୍ଲୀପ କୁମାର କାମିଲା ଓ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ତାଳସାରୀ ପାନ୍ଥଶାଳା ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ ରାଉତ, ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଡ଼ିଓ ପ୍ରଶାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।





# ପିଇବା ପାଣି ପାଇଁ ରାସ୍ତାରୋକ



ନୀଳଗିରି, ୨୨।୧ (ସମିସ)

ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ଛତ୍ରପୁର ବଜାରରେ ପ୍ରାୟ ୨ଘଣ୍ଟା ପାଇଁ ରାସ୍ତା ଅବରୋଧ ଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତର ମାଙ୍କିଡ଼ିଆସାହିକୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ହୋଇଆସୁଥିଲା। ମାତ୍ର ସମ୍ପୃକ୍ତ ପଞ୍ଚାୟତର କିଛି ଅଞ୍ଚଳକୁ ଉକ୍ତ ଯୋଜନାରେ ଜଳଯୋଗାଣ ପାଇଁ ନୂତନ ପାଇପ ସଂଯୋଗ ପାଇଁ ରାସ୍ତା ଖୋଳାଯାଉଥିବା ବେଳେ ଦୁଇ ତିନିଦିନ ତଳେ ମାଙ୍କିଡିଆସାହିକୁ ସଂଯୋଗ କରିଥିବା ପାଇପଲାଇନଟି କଟି ଯାଇଥିଲା। ଫଳରେ ଦୁଇତିନିଦିନ ଧରି ପାଣି ନ ପାଇବା ଫଳରେ ମାଙ୍କିଡ଼ିଆସାହି ଏବଂ ସରୁଚମ୍ପା, ଚତୁରିପଡ଼ା, ଉପର ଭାଗାବନ୍ଧ, ମୁଖୀସାହି, ସୟମ୍ବରଡୁବା ଆଦି ଅଞ୍ଚଳର କିଛିଲୋକ ଆଜି ଛତ୍ରପୁର ବଜାରର ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣା ଦେଇଥିଲେ। ନୀଳଗିରି ଆରଡବ୍ଲ୍ୟୁଏସଏସର କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ, ବରହମପୁର ଆଇଆଇସି ପ୍ରେମଦା ନାୟକ, ସ୍ଥାନୀୟ ସରପଞ୍ଚ ମାଳତୀ ମାର୍ଣ୍ଡି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ସ୍ଥାନୀୟ ବିଡ଼ିଓ ବିକ୍ରମକେଶରୀ ପରିଡ଼ା ପହଞ୍ଚି ପାଇପଲାଇନ୍ ସଂଯୋଗର ବ୍ୟବସ୍ଥା କରିଥିବା ଜଣାଯାଇଛି।

# ଆସନ୍ତା ୩୦ରୁ ତିନିଦିନ ପ୍ରତିଭା ମହୋତ୍ସବ



**ଖଇରା, ୨୨।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବ ବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାରର ୩ଦିନିଆ ମହୋତ୍ସବ ଜାନୁଆରୀ ୩୦ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧ତାରିଖରେ ଉଦ୍‌ଯାପିତ ହେବ। ଏଥର ଖଇରା ଦୁର୍ଗାମଣ୍ଡପ ପରିବର୍ତ୍ତେ ପଳସା ମିନିଷ୍ଟାଡିୟମରେ ଆୟୋଜିତ ହେବ। ଚଳିତ ବର୍ଷ ସ୍ୱତନ୍ତ୍ର ଆକର୍ଷଣ ଭାବେ ଜଗନ୍ନାଥଙ୍କ ୮ବେଶ ପ୍ରଦର୍ଶିତ ହେବ। ୩ଦିନ ଧରି ଅପରାହ୍ନ ୨ଟାରୁ ସ୍ଥାନୀୟ ପ୍ରତିଯୋଗୀଙ୍କ ଦ୍ୱାରା ଗୀତ, ନୃତ୍ୟ ଓ ଶଙ୍ଖଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ସଭା ଏବଂ ସଭା ଶେଷରେ ସଂସ୍କୃତି ବିଭାଗ ପ୍ରଦତ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଓଲିଉଡର ପ୍ରଖ୍ୟାତ କଳାକାର ମାନେ ସେମାନଙ୍କ ପ୍ରତିଭା ଦେଖାଇବେ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ତଥା ସାମ୍ବାଦିକ ସମ୍ମିଳନୀ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ବସନ୍ତ କୁମାର ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ରଘୁନାଥ ପତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ବିଭିନ୍ନ ମହିଳା ଗୋଷ୍ଠୀ, ପଳସା, ନଛିପୁର ଓ କୁଡିଆସାହି ଇତ୍ୟାଦି ଗ୍ରାମର ଅଧିବାସୀ ଯୋଗ ଦେଇ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ସୀମାନ୍ତରେ ଫକୀରମୋହନଙ୍କ ଜୟନ୍ତୀ ସମ୍ମାନର ସହ ପାଳନ ଦାବି

**ଜଳେଶ୍ୱର, ୨୨।୧(ସମିସ) :** ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ର ରକ୍ଷକ, ଅଦ୍ୟମ ସାହାସୀ, ବୁଦ୍ଧିମତ୍ତା, ସୀମାନ୍ତ ପ୍ରହରୀ ତଥା ସଂକ୍ରାନ୍ତି ପୁରୁଷ ଫକୀରମୋହନଙ୍କ ଜୟନ୍ତୀ ଗୋବରଘାଟା ପଞ୍ଚାୟତ ଅଧିନ ହାଟପଦା ସେବାଶ୍ରମରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ବଙ୍ଗାଳୀ ମାନେ ଅଭିଜାତ୍ୟ ଦର୍ପରେ ଓଡିଆ ଭାଷାକୁ ହେୟ କରୁଥିଲେ। କିନ୍ତୁ ସୀମାନ୍ତ ପ୍ରହରୀ ସଦୃଶ ଫକୀରମୋହନ ତାଙ୍କର କାଳଜୟୀ ଅନବଦ୍ୟ ସର୍ଜନା ବଳରେ ଓଡ଼ିଆ ଭାଷାକୁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ପରିଚୟ ଦେଇଥିଲେ। ଫଳରେ ଚକ୍ରାନ୍ତର ଶୀକାର ହୋଇଥିବା ଓଡ଼ିଆ ଭାଷା କାଳକ୍ରମେ ସମୃଦ୍ଧ ହେବା ସହିତ, ଓଡ଼ିଶା ଜାତି ସଂଘଟିତ ହୋଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଉଚିତ୍ ସମ୍ମାନ ପାଇଥିଲା। ତେଣୁ ସୀମାନ୍ତ ଅଞ୍ଚଳର କେତକ ସାହିତ୍ୟାନୁରାଗୀ ଓ ତତ୍କାଳୀନ ଜିଲ୍ଲାପାଳଙ୍କ ସହଯୋଗରେ ସେବାଶ୍ରମ ପରିସରରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା।୨୦୦୬ ମସିହାରେ ପ୍ରତିଷ୍ଠା ହୋଇ ପ୍ରତିବର୍ଷ ଶ୍ରଦ୍ଧାର ସହିତ କେବଳ ପୂଜ୍ୟପୂଜା ଓ ଫଟୋ ସେସନ୍ ଠିକ୍ ଭାବେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ସଭା ଓ ସାହିତ୍ୟ ଚର୍ଚ୍ଚା ବେଳକୁ କେତେକ ଫକୀରମୋହନ ଅନୁରାଗୀ ମାନେ ଜରୁରୀ କାରଣ ଦର୍ଶାଅ ଜଣେ ଜଣେ ଛୁ ମାରିଥାନ୍ତି। ଫଳରେ ଭଲ ଭାବେ ଭାଷା ସାହିତ୍ୟ ଚର୍ଚ୍ଚା ନ ହେବା, ମକର ମିଳନ ନ ହେବା, ନିଜ କବିତା କିମ୍ବା ଭାଷଣ ପରେ ପଳାଇଯିବା, ସଭା ଶେଷକୁ ଆୟୋଜକ ଛଡ଼ା କେହି ନ ରହିବା ମନୀଷୀଙ୍କ ପ୍ରତି ଘୋର ଅପମାନ ସଦୃଶ ବୋଲି କୁହାଯାଉଛି। ଆୟୋଜକ ମାନେ ଜୟନ୍ତୀ ସଫଳତା ଲାଗି ପ୍ରଚେଷ୍ଟା କଲେ ମଧ ନିରାଶା ହୋଇ ଚୁପ୍ ରହୁଛନ୍ତି। ଚଳିତ ବର୍ଷ ଫକୀରମୋହନ ସେନାପତି ସ୍ମୃତି ପରିଷଦ ଓ ନ୍ୟୁ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ବିପ୍ଳବୀ କବି ବସନ୍ତ ଦାସଙ୍କ ସଭାପତିତ୍ୱରେ ହାଟପଦା ଶ୍ରୀ ଦୁର୍ଗା ସେବାଶ୍ରମରେ ସଭା ହୋଇଥିଲା। କାର୍ଯ୍ୟକ୍ରମ ର ଜଳେଶ୍ୱର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ହୋଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୀମାନ୍ତ ପ୍ରହରୀ ଫକୀରମୋହନ ଜୟନ୍ତୀ ଦିବସକୁ ସରକାରୀ ପ୍ରୋତ୍ସାହନରେ ବୃହତ୍ ଭାବେ ସାହିତ୍ୟ ଚର୍ଚ୍ଚା ସହିତ ପାଳନ କରିବାକୁ ସୀମାନ୍ତ ଅଞ୍ଚଳବାସୀ ଦାବି କରିଛନ୍ତି। ଶେଷରେ ସେବାଶ୍ରମ ଛାତ୍ର ଛାତ୍ରୀ ଓ ଅତିଥିଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ବେଳେ କ୍ଲବ୍ ର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥ ପାଠ



**ନୀଳଗିରି, ୨୨।୧ (ସମିସ):** ୧୬ ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଅଧକ୍ଷତାରେ ସଂକଳ୍ପ ବା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶପଥ ପାଠ କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶୁଭଶ୍ରୀ ରଥ କରାଇଥିଲେ। ଏହି ମତଦାତା ସଂକଳ୍ପ ବା ଶପଥ ପାଠ କାର୍ଯ୍ୟକ୍ରମରେ ଭାରତର ନାଗରିକ ବୃନ୍ଦ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଅସ୍ଥା ରଖି, ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ରଖିବା ସଙ୍ଗେ ସଙ୍ଗେ ମୁକ୍ତ, ଅବାଧ ଓ ଶାନ୍ତି ପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭୀକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକର ପ୍ରୟୋଗକୁ ସୁନିଶ୍ଚିତ କରିବା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଦେବୀଦତ୍ତ ପ୍ରୀତି ରଞ୍ଜନ ବେହେରା, ସହକାରୀ ଜିଲ୍ଲାପାଳ ରଞ୍ଜନ ସେନାପତି, ସହକାରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସ, ଅନୁ ବିଭାଗୀୟ ଅଧିକାରୀ ଶ୍ରୀମତୀ କୌଶଲ୍ୟା ବେହେରା, ଏସ. ଆର. ଏ ସୁଶ୍ରୀ ଗୀତା ରାଣୀ ସିଂ ସମେତ ସମସ୍ତ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ସେହି ପରି ଅନୁରୂପ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ଉପସ୍ଥିତି ରେ ୧୬ ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ସଂକଳ୍ପ ବା ଶପଥ ପାଠ କରାଇଥିଲେ। ନୀଳଗିରି ପଞ୍ଚାୟତ ସମିତିର ବଡ଼ ବାବୁ ବୈକୁଣ୍ଠ ନାଥ ରାୟ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୨।୧ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସେକସରାଇ ଗ୍ରାମ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ଶ୍ରୀ ରାମକୃଷ୍ଣ ଆଶ୍ରମ ଟ୍ରଷ୍ଟ ପରିଚାଳନାରେ ବିବେକାନନ୍ଦ



ବିଦ୍ୟାମନ୍ଦିର ସଭାପତି ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ସୁକୁମାର ରଣା ବକ୍ତବ୍ୟରେ କହିଥିଲେ ବାର୍ଷିକ କ୍ରୀଡା ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଅରୁଣ କୁମାର ସେନାପତି ଏବଂ ମୁଖ୍ୟବକ୍ତା ଭାବରେ ଟ୍ରଷ୍ଟ ସଦସ୍ୟା ଆରତୀ ଦାସ କ୍ରୀଡାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତିଲୋତ୍ତମା ନାୟକ, ଚନ୍ଦନ ଦାସ ଅଧିକାରୀ, ଗୁରୁ ପଦ ଆଚାର୍ଯ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଯଥା ପ୍ରଶାନ୍ତ କୁମାର ଜେନା, ବିଶ୍ୱଜିତ୍ ପାଲ, କ୍ରିଷ୍ଣା ପାଲ, ଅନିମା ଜେନା, ପ୍ରତିଭା ଦତ୍ତ, ବିଶ୍ୱଜିତ ପାଲ, ସସ୍ମିତା ନାୟକ, ସୁସ୍ମିତା ସେନାପତି, ଅନୀମା ଦେ, ବସନ୍ତ ମହାନ୍ତି, ରାମ ବାସ୍କେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଗାପ୍ରସାଦ ବାଣୀପୀଠର ବାର୍ଷିକ ଉତ୍ସବ



**ଭୋଗରାଇ, ୨୨।୧ (ସମିସ) :** ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତରେ ଥିବା ଦୁର୍ଗାପ୍ରସାଦ ବାଣୀ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସେଠୀଙ୍କ ସଭାପତିରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ବେହେରା ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକୃଷ୍ଣ ଦାସ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଦୀପ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି, ସୁଶାନ୍ତ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏଥିରେ ଶିକ୍ଷକ ଚନ୍ଦନ କୁମାର ଦାସ ମଞ୍ଚ ଆହ୍ୱାନ କରିଥିଲା ବେଳେ ପ୍ରଧାନଶିକ୍ଷକ ଶ୍ରୀ ସେଠୀ ବେଦ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୀଳଗିରି, ୨୨।୧ (ସମିସ):** ନୀଳଗିରି ବ୍ଲକ ଅଯୋଧା ପଞ୍ଚାୟତ ଅଯୋଧା ଗ୍ରାମରେ ଥିବା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକ ସନ୍ତୋଷ ଖଟୁଆ ତାଙ୍କ ବକ୍ତବ୍ୟରେ ଗୁଣାତ୍ମକ ଶିକ୍ଷା ଓ ବିଜ୍ଞାନର ଆବଶ୍ୟକତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପଣ୍ଡା, ଟାଟା ପାୱାରର ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରୋଦ କୁମାର ବେହେରା, ବିଦ୍ୟାଳୟର ପୁରାତନ ଛାତ୍ର ତଥା ସଂସଦର ସଭାପତି ବାମନ ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସୁଶାନ୍ତ ପରିଡ଼ା ପ୍ରମୁଖ ମଞ୍ଚସିନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ର ପ୍ରାଧନ ଶିକ୍ଷକ ବଂଶୀଧର ପଢ଼ିଆରି ପୌରାହିତ୍ୟ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷୟତ୍ରୀ ମଧୁସ୍ମିତା ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଲଫା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ପତି ବେଦ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାମୟୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ପେଟ୍ରୋଲିୟମ ଡିପୋରେ ରକ୍ତଦାନ ଶିବିର




**ନୀଳଗିରି, ୨୨।୧ (ସମିସ):** ଭାରତ ପେଟ୍ରୋଲିୟମ ଡିପୋର ପ୍ରତିଷ୍ଠା ଦିବସ ଅବସରରେ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ପରିଚାଳନା ପ୍ରବନ୍ଧକ ଲୋକେଶ ଯାଦବ ଉଦଘାଟନ କରିଥିଲେ। ନୀଳଗିରି ରକ୍ତଦାତା ସଂଘ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଉକ୍ତ ଶିବିର ପରିଚାଳନା ହୋଇଥିଲା। ନୀଳଗିରି ରକ୍ତଦାତା ସଂଘର ଉପଦେଷ୍ଟା ରବି ରାଉତ ରକ୍ତଦାନ ଶିବିରରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଡିପୋର ସୁରକ୍ଷା ଅଧିକାରୀ ଏଲ. ବାଲାଜୀ ନିଜେ ରକ୍ତଦାନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଭାରତ ପେଟ୍ରୋଲିୟମ ଡିପୋର ଡ୍ରାଇଭର ସଂଘର ସମ୍ପାଦକ ଶୈଳେଶ ଠାକୁର ଉପସ୍ଥିତ ରହି ଡ୍ରାଇଭର ମାନଙ୍କୁ ଉତ୍ସାହିତ କରିଥିଲେ। ନୀଳଗିରି ରକ୍ତ କେନ୍ଦ୍ର ଅଧିକାରୀ ଡ. ପ୍ରଶାନ୍ତ ବାରିକଙ୍କ ସମେତ ଟେକ୍ନିସିଆନ୍ ରାଜେଶ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତିଙ୍କ ସହିତ ଅନ୍ୟ ମାନେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ଶିବିରରେ ପଚିଶ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାଯାଇଛି।

# କୁପାରୀ ମକର ମେଳା ମହୋତ୍ସବର ଦ୍ୱିତୀୟ ସଂଧ୍ୟା

**ଖଇରା, ୨୨।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ମକର ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ। ଉକ୍ତ ଦିବସରେ ସ୍ଥାନୀୟ ରିଦିମ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପରିବେଶିତ ରାମାୟଣ, ସମ୍ବଲପୁରୀ ନୃତ୍ୟ, ଛୋଟ ମୋର ଗାଁଟି ଭଳି ଦଳଗତ ନୃତ୍ୟ ହେଉ କି ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ ଏଥିରେ ଅଂଶ ଗ୍ରହଣ କରିଥିବା ପ୍ରତ୍ୟେକ ଚରିତ୍ରଙ୍କ ଅଭିନୟ ଅତିବ ପ୍ରଶଂସନୀୟ ଥିଲା। ସଭା ପ୍ରାରମ୍ଭରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପୂର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ନୀଳଗିରି କଲେଜ ଅଧକ୍ଷ ଡ. ପ୍ରମୋଦ କୁମାର ମିତ୍ର ମୁଖ୍ୟଅତିଥି, ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଯୁଧିଷ୍ଠିର କୁଅଁର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୁପାରୀର ଐତିହ୍ୟ ଶୁଣାଇଥିବା ସହ ଜଗନ୍ନାଥ ତତ୍ତ୍ୱ ବଖାଣିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମକର ମେଳା କମିଟିର ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ ମଞ୍ଚ ଆହ୍ୱାନ କରିଥିଲେ। ମାନସ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ମକର ମେଳା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତହସିଲଦାରଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଅଟକ

**ଖଇରା, ୨୨।୧ (ସମିସ):** ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ତହସିଲଦାର ଅମିତ ରଞ୍ଜନ ହୋତାଙ୍କ କାର୍ଯ୍ୟାଳୟରେ ପଶି ଦୁର୍ବ୍ୟବହାର କରିଥିବା ନେଇ ସମ୍ପୃକ୍ତ ତହସିଲଦାରଙ୍କ ପକ୍ଷରୁ ଖଇରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପ୍ରାଥମିକ ତଦନ୍ତ ପରେ ଖଇରା ପୋଲିସ ଅଭିଯୁକ୍ତ ସଞ୍ଜୟ କୁମାର ସେନାପତିଙ୍କୁ ଥାନାରେ ଅଟକ ରଖିଛି। ଲିଖିତ ଅଭିଯୋଗ ଅନୁଯାୟୀ ଗୁରୁବାର ଦିନ ତହସିଲଦାର କାର୍ଯ୍ୟାଳୟରେ ଦାୟିତ୍ୱ ସମ୍ପନ୍ନ କରୁଥିବା ବେଳେ ଅନ୍ତରା ପଞ୍ଚାୟତ ଅଧୀନ ନୁଆ ଗ୍ରାମର ସଞ୍ଜୟ ଓଏଲଆର କେଶରେ ରେକର୍ଡ ବାତିଲକୁ ନେଇ ଯୁକ୍ତିତର୍କ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାସହ ତହସିଲଦାର ତଥା ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ବାରଣ ସତ୍ତ୍ୱେ ମୋବାଇଲରେ ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ। ଏହାକୁ ନେଇ ଅଫିସ କାର୍ଯ୍ୟ ବେଶ କିଛି ଘଣ୍ଟାଧରି ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଭୁବନ ମୋହନ ସେଠୀଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗର ତଦନ୍ତ ଚାଲିଥିବା କହିଛନ୍ତି।

# ଏବିଭିପିର ନଗର ସମ୍ମିଳନୀ

**ବାଲେଶ୍ୱର, ୨୨।୧(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ନଗରର ନଗର ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ନଗରର ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଏବିଭିପି ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ସଂଗଠନ ସହ ସମ୍ପାଦକ ତ୍ରୈଲୋଚନ ସାହୁ, ସମ୍ମାନିତ ଅତିଥି ଯୁବ ଉଦ୍ୟୋଗୀ ସୌମ୍ୟରଞ୍ଜନ ଯାଦବ, ଜିଲ୍ଲା ସଂଯୋଜକ ଜ୍ୟୋତି ରେଖା ଭୂୟାଁ ଯୋଗ ଦେଇଥିଲେ। ନୂତନ ନଗର ସଭାପତି ଭାବେ ସୁବର୍ଣ୍ଣ କେଶରୀ ସାମଲ, ସମ୍ପାଦକ ପାର୍ଥ ସାରଥୀ ପାତ୍ରୀ, ସହ ସମ୍ପାଦକ ଆଦର୍ଶ ଦାସ, ଜ୍ୟୋତି ପ୍ରକାଶ ବିଶ୍ୱାଳ, ଅର୍ଘ୍ୟରୂପା ମହାପାତ୍ର, ବୈଭବୀ ପାଣ୍ଡେ, ଅଜୟ ମୁର୍ମୁ। କାର୍ଯ୍ୟକ୍ରମରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର ମହିଳା ମହାବିଦ୍ୟାଳୟ, ବଲାଙ୍ଗୀ ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ମହାବିଦ୍ୟାଳୟ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଓ ମୟୁରଭଞ୍ଜ ବିଭାଗ ସଂଗଠନ ସମ୍ପାଦକ ସମ୍ବିତ ପ୍ରସାଦ ରାଉତ, ଜିଲ୍ଲା ସଂଗଠନ ସମ୍ପାଦକ ବିପ୍ଳବ ବସନ୍ତିଆ, ଶୁଭ୍ରାଂଶୁ ଶେଖର ଭୂୟାଁ, କ୍ଷିତୀଶ ପଣ୍ଡା, କଶୀଶ ଦାସ, ବିଶ୍ୱଜିତ ନାଥ, ସସ୍ମିତା ମଣ୍ଡଳ, ଭବେଶ ତରାଇ, ଦେବସ୍ମିତା ପାତ୍ର, ଅର୍ଚ୍ଚିତା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।




# ଭୋଗରାଇରେ ଜଳ ଅର୍ପଣ ଦିବସ ପାଳିତ

ଭୋଗରାଇ, ୨୨।୧ (ସମିସ)



ଭୋଗରାଇ ବ୍ଲକ ମହେଶ ପୁର ପଞ୍ଚାୟତରେ ଆଜି ଜଳଅର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟଜଳ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଉପସ୍ଥିତ ହୋଇ ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ହର ଘର ଜଳ ଯୋଜନାର ପରିକଳ୍ପନା ଆଜି ସଫଳ ହୋଇଥିବା ମନ୍ତ୍ରୀ କହିଥିବା ବେଳେ, ଭୋଗରାଇ ଓଡ଼ିଶାର ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ସବୁଠୁ ଆଗରେ ଥିବା କହିଥିଲେ। ମହେଶପୁର ପଞ୍ଚାୟତ ଜାତୀୟ ଜଳ ଜୀବନ ମିଶନରେ ସମସ୍ତ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ଶ୍ରେଷ୍ଠ ବିବେଚିତ ହୋଇ ଦିଲ୍ଲୀରେ ଓଡ଼ିଶାର ନାମକୁ ଉଜ୍ୱଳ କରିଛି। ଏହି ଅବସରରେ ଭୋଗରାଇର ପର୍ଯ୍ୟଟନର ବିକାଶ ପାଇଁ ବେଳାଭୂମି ଅଞ୍ଚଳରେ ଏକ କୋଟି ଟଙ୍କା ଅନୁଦାନରେ ଏକ ନୂତନ ଡାକବଙ୍ଗଳା ନିର୍ମାଣ ସହିତ ହୋଟେଲ ଶିଳ୍ପର ବିକାଶ ଓ ଜଳେଶ୍ୱର ରୁ ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥକୁ ଚାରିଟିକିଆ ରାସ୍ତାରେ ପରିଣତ କରାଯିବ ବୋଲି କହିଥିଲେ। ଖୁବଶୀଘ୍ର ଭୋଗରାଇର ପର୍ଯ୍ୟଟନର ବିକାଶ ପାଇଁ ଅଧିକ ଶହେ କୋଟିର ଅନୁଦାନ ଯେପରି ଆସିବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଥିଲେ। ଭୋଗରାଇର ପ୍ରତ୍ୟେକ ଗାଁର ସମସ୍ତ ଘରକୁ ଯେପରି ସ୍ୱଚ୍ଛ ପାନୀୟ ଜଳ ପହଞ୍ଚି ପାରିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟରେ ଖିଲାପ ହେଲେ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବ୍ଲକ ଅଧକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ଅଭିମନ୍ୟୁ ଦାସ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ସଞ୍ଜୟ କୁମାର ରାଉତ, ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ର ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଅଳ ଉଦେଶ୍ୟ ଜ୍ଞାପନ କରିଥିଲା ବେଳେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ. ମଧୁସ୍ମିତା ସାମନ୍ତରାୟ ଧନ୍ୟବାଦ ପ୍ରଦାନ କରିଥିଲେ।

